# ଅଧାତ୍ମ ଜୀବନର ଆଧାର



ପ୍ରଫେସର୍ କେଶବଚନ୍ଦ୍ର ଦାଶ

Created with Print2PDF. To remove this line, buy a license at: http://www.software602.com/

# ଅଧ୍ୟାତ୍ମ ଜୀବନର ଆଧାର
## (THE BASE OF SPIRITUAL LIFE)


❖ ରଚୟିତା :
ପ୍ରଫେସର କେଶବ ଚନ୍ଦ୍ର ଦାଶ



❖ ପ୍ରକାଶକ :
କେଶବ-ସୁଭଦ୍ରା ପ୍ରତିଷ୍ଠାନ
**KESHAB-SUBHADRA PRATISTHAN**
''ଶଶିରେଖା'', ଭୂଦାନ ନଗର
ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ମାର୍ଗ,
ପୁରୀ-୭୫୨୦୦୩, ଓଡିଶା

❖ ସଂସ୍କରଣ :
ପ୍ରଥମ-୨୦୧୬



❖ ସର୍ବସତ୍ତ୍ୱ ସଂରକ୍ଷିତ



❖ ମୁଦ୍ରକ :
ମହାଲକ୍ଷ୍ମୀ ପ୍ରେସ୍, ହେରାଗୋହିରି ସାହି, ପୁରୀ, ମୋ:୯୮୬୧୨୧୨୬୪୨



❖ ସଂପର୍କ -
**www.Prof.keshabchandradash Blog.spot**
**Prof.keshab.ch.dash@gmail.com**
**Mob. : 9438471055**



❖ ମୂଲ୍ୟ : ଟ.୨୫/-


❖❖❖



Created with Print2PDF. To remove this line, buy a license at: http://www.software602.com/

# ‘‘ତମସୋ ମା ଜ୍ୟୋତିର୍ଗମୟ’’

‘‘ଅନ୍ଧାରରୁ

ମୋତେ

ଆଲୋକ ଆଡ଼କୁ ନିଅ’’



Created with Print2PDF. To remove this line, buy a license at: http://www.software602.com/

# ବିଷୟସୂଚୀ


- ପୃଷ୍ଠଭୂମି
- ମୂଳକଥା
- ବିଶ୍ୱାସ
- ସଂକଳ୍ପ
- ଅଗ୍ରଗାମିତା
- ଆଧାର
- ଦୁଃଖ
- ସୁଖ
- ଆତ୍ମା
- ସତ୍ୟ
- ଭଲର ଅଭିଳାଷ


❖❖❖



Created with Print2PDF. To remove this line, buy a license at: http://www.software602.com/

# ପୃଷ୍ଠଭୂମି

ଅଧ୍ୟାତ୍ମ ବିଦ୍ୟା ହେଉଛି ଜୀବନ ବିଦ୍ୟା । ଏହା ଜୀବନର ପ୍ରତ୍ୟେକ ସ୍ତରକୁ ସ୍ପର୍ଶ କରେ, ଏହା ଏତେ ସୂକ୍ଷ୍ମ ଯେ ଏହାକୁ ସାଧାରଣରୂପେ ବୁଝିବା କଷ୍ଟକର ହୋଇପଡ଼େ । ଏହା ସମସ୍ତ ବିଦ୍ୟାର ଅନ୍ତଃସ୍ରୋତଭାବେ କାମ କରିଥାଏ ।

ପ୍ରାଚୀନ ମନୀଷୀଗଣ ଏହାକୁ ବିଭିନ୍ନ ଉପାୟରେ ବୁଝାଇ ଆସିଛନ୍ତି । ସମଗ୍ର ସଂସାରକୁ ବୁଝିବା ସଙ୍ଗେ ସଙ୍ଗେ ନିଜ ଜୀବନକୁ ବୁଝିବା ଏହି ବିଦ୍ୟାର ଅନ୍ୟତମ ଲକ୍ଷ୍ୟ ।

ସାଧାରଣ ମନୁଷ୍ୟ ଏତେ ସୂକ୍ଷ୍ମତା ଭିତରେ ପଶିପାରେ ନାହିଁ । ସେ କେବଳ ପୂଜା, ଆରାଧନା, ଉପାସନାର କିଛି ମାଧ୍ୟମ ଏବଂ-ବ୍ରତ ଉପବାସ ଇତ୍ୟାଦିକୁ ଆଧ୍ୟାତ୍ମ ବିଦ୍ୟା ରୂପେ ବୁଝେ । ବସ୍ତୁତଃ ଏସବୁ ଅଧ୍ୟାତ୍ମବିଦ୍ୟାର କେତୋଟି ପାହାଚ । ''ପବିତ୍ରଭାବ''-ସୃଷ୍ଟି କରିବା ଏଗୁଡ଼ିକର ଲକ୍ଷ୍ୟ ।

ଆଜୀବନ ସୁସ୍ଥ ଓ ସ୍ୱଚ୍ଛଳ ରହିବା ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ । ଏଥିପାଇଁ ତାକୁ ଜୀବନସାରା ସଂଘର୍ଷ କରିବାକୁ ପଡ଼ିଥାଏ । କେତେବେଳେ ସେ 'ଦାରିଦ୍ର୍ୟ' ସହିତ ସଂଘର୍ଷ କରେ ତ କେତେବେଳେ 'ଅଜ୍ଞାନ' ସହିତ - ଆଉ କେତେବେଳେ ଉଭୟ ସହିତ । ଏଥିପାଇଁ ତାକୁ ଅନେକ କୌଶଳ ଶିକ୍ଷା କରିବାକୁ ପଡିଥାଏ । ଶରୀରର ଧର୍ମ ଓ ସମୟର ଗତି ତାକୁ ବହୁ ସମୟରେ ଆଗକୁ ନିଏ । ଆଉ ମଧ୍ୟ ପଛକୁ ଟାଣେ । ଏହି ଟଣା-ଓଟରା ଭିତରେ ତା'ମଧ୍ୟରେ ଚାପ ଓ ତାପ ସୃଷ୍ଟି ହୁଏ । ଏହି ଚାପ ଓ ତାପ ଭିତରେ ସେ ଚାହେଁ ତାର ସମସ୍ତ କର୍ମକୁ ଠିକ୍ ସମୟରେ କରିନେବ ଏବଂ ଅବଶିଷ୍ଟ ସମୟରେ ଶାନ୍ତିରେ ଜୀବନ ଯାପନ କରିବ । ତା'ର ସମସ୍ତ ଅଭିଳାଷ ପୂର୍ଣ୍ଣ ହୋଇଯାଇଥିବ । କିନ୍ତୁ ଏହା ଘଟେ ନାହିଁ ।

ଜୀବନ ଓ ସଂଘର୍ଷ ପଥରେ ଅନେକ ବ୍ୟତିକ୍ରମ ଦେଖାଯାଏ । ଏହି ବ୍ୟତିକ୍ରମ ଯେତିକି ଲାଭ ଦେଖାଏ ନାହିଁ ତାଠାରୁ ଅଧିକ ପାରିମାଣରେ କ୍ଷତିକୁ ଦେଖାଏ । ଏହି ବ୍ୟତିକ୍ରମକୁ ବାଧା, ବିଘ୍ନ, ପ୍ରତିବନ୍ଧକ ଓ ଅମଙ୍ଗଳ ପ୍ରଭୃତି ଶବ୍ଦରେ କୁହାଯାଇଥାଏ । ଦୈବ ଦୁର୍ବିପାକ, ବିପତ୍ତି ଓ ଦୁର୍ଗତି ନାମରେ ମଧ୍ୟ ଏହାକୁ ବଡ଼ ଆକାରରେ କୁହାଯାଏ । ଏ ସବୁକୁ ହଟାଇବା ପାଇଁ ମନୁଷ୍ୟ ତାହାର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ଲଗାଇଥାଏ । ସମସ୍ତ ଶକ୍ତି ଭିତରେ ଯେଉଁ ଶକ୍ତିଟି ବେଶି କାମରେ ଲାଗିଥାଏ ତାହା ହେଉଛି ତାର ଆତ୍ମ ଶକ୍ତି ।

ଏହି ଆତ୍ମଶକ୍ତିର ଅନୁସଂଧାନରୁ ଆଧ୍ୟାତ୍ମିକତା ଜନ୍ମ ନେଇଛି ।



Created with Print2PDF. To remove this line, buy a license at: http://www.software602.com/

# ମୂଳକଥା

ପବିତ୍ର ଜୀବନତତ୍ତ୍ୱରେ ଆସ୍ଥା ଅଧ୍ୟାତ୍ମ ଜୀବନର ମୂଳକଥା-ଯାହାଦ୍ୱାରା ମନୁଷ୍ୟର ସାମର୍ଥ୍ୟ ଓ ସଦ୍‌ଗୁଣର ବିକାଶ ହୋଇପାରିବ । ଏଥିପାଇଁ ସଂସାର ଯାତ୍ରାରେ କର୍ମର ପ୍ରାଧାନ୍ୟ ବେଶି । ବିନା କର୍ମରେ ସଂସାରରେ ବଞ୍ଚିହେବ ନାହିଁ । ନିତ୍ୟକର୍ମରୁ ଆରମ୍ଭ କରି ମହତ୍ କର୍ମ ପର୍ଯ୍ୟନ୍ତ ସବୁଠି ନିଜକୁ ପ୍ରସ୍ତୁତ କରିବାକୁ ପଡ଼େ । ଏହି ପ୍ରସ୍ତୁତିର ଲକ୍ଷ୍ୟ ହେଉଛି ଭଲ ଭାବରେ କାମଟିକୁ ସାରିବା । ବହୁ ସମୟରେ ଏ ପ୍ରସ୍ତୁତି ଆମର ଠିକ୍ ଅଛିକି ନାହିଁ ଆମେ ଜାଣି ପାରୁନାହିଁ । ଏଥିପାଇଁ ଶିକ୍ଷକ, ପ୍ରଶିକ୍ଷକ ଓ ମାର୍ଗଦର୍ଶକମାନଙ୍କ ପରାମର୍ଶର ଆବଶ୍ୟକତା ପଡ଼େ । ଫଳରେ ସାଧାରଣଭାବେ ଏ କାମକୁ ଭଲରେ କରିନେଇ ହୁଏ ।

ପରିବେଶ, ପରିସ୍ଥିତି ଓ ସମୟ ଆମର କର୍ମକୁ ନିୟନ୍ତ୍ରଣ କରିଥାଏ । ଏ ସବୁ ଅନୁକୂଳ ହେଲେ କାମଟିକୁ ଆଗେଇ ନେଇ ହୁଏ । ପ୍ରତିକୂଳ ପରିସ୍ଥିତିରେ ସେହି କର୍ମଟି କଠିନ ହୋଇପଡ଼େ । ବେଳେ ବେଳେ ଏହା ଏତେ ତ୍ରୀବ୍ର ହୋଇଯାଏ ଯେ ମନୁଷ୍ୟ ବିବଶ ହୋଇ ଅତିଶୟ ଦୁଃଖରେ ଭିଜି ଯାଏ । ସେ କୌଣସ ରାସ୍ତା ପାଏ ନାହିଁ । ଏହି ବିବଶତା ସମୟରେ ଯଦି କେହି ତାର ଉପକାର କରିଥାଏ ତାକୁ ସେହି ସମୟପାଇଁ ସେ ଭଗବାନ୍ ବୋଲି ଭାବିନିଏ ।

ଏହି ''ବିବଶଭାବ''ରୁ ମୁକ୍ତି ଭଗବାନଙ୍କୁ ଖୋଜିବାର ଓ ପାଇବାର ପ୍ରଥମ ସ୍ଥିତି ।

❖❖❖



Created with Print2PDF. To remove this line, buy a license at: http://www.software602.com/

# ବିଶ୍ୱାସ

କୌଣସି ବ୍ୟକ୍ତି ବା ବସ୍ତୁକୁ ଠିକ୍ ଭାବି ତା' ଉପରେ ଭରସା କରିବା ବିଶ୍ୱାସ । ବ୍ୟକ୍ତିର ବା ବସ୍ତୁର ଗୁଣବତ୍ତା, ଚମତ୍କାରିତା କିମ୍ବା ଅନ୍ୟ କିଛି ବିଶେଷ ଗୁଣ ସାଧାରଣଭାବେ ଅନ୍ୟକୁ ଆକୃଷ୍ଟ କରେ ଏବଂ ମୁଗ୍ଧ ମଧ୍ୟ କରିଥାଏ । ଏହି ଆକର୍ଷଣ ଏବଂ ମୁଗ୍ଧତା ଯୋଗୁ ଭାବାବିଷ୍ଟ ହୋଇ ତାକୁ କେତେବେଳେ ସେ ଅନୁକରଣ କରିଥାଏ ତ କେତେବେଳେ ଅନୁସରଣ କରିଥାଏ । ପରବର୍ତ୍ତୀ ସମୟରେ ଯେବେ ସେ ଗୁଣବତ୍ତା ବା ଚମତ୍କାରିତା କିମ୍ବା ତାର କ୍ରିୟା କଳାପର ସୀମାକୁ ବୁଝିନିଏ ସେ ବିଶ୍ୱାସ ଆଉ ରହେ ନାହିଁ ଏହିଠାରେ ମନୁଷ୍ୟ ପ୍ରକୃତ ଠକି ଯାଏ ।

ଅଧ୍ୟାତ୍ମ କ୍ଷେତ୍ରରେ ଏଥିପାଇଁ ଏହାକୁ ବ୍ୟାପକ ଅର୍ଥରେ ବୁଝାଯାଏ ।'ଶ୍ରଦ୍ଧା' 'ଜିଜ୍ଞାସା' ଓ 'ଭଲପାଇବା'ର ଅନ୍ୟରୂପ ହେଉଛି ବିଶ୍ୱାସ । ଏହା ଆତ୍ମ ଶକ୍ତିକୁ ଉଜ୍ଜୀବିତ କରାଏ ।

❖❖❖

# ସଂକଳ୍ପ

ଇଚ୍ଛାଶକ୍ତିର ଅନ୍ୟ ନାମ ସଂକଳ୍ପ । ସମସ୍ତ କର୍ମମୂଳରେ ସଂକଳ୍ପ ହିଁ ଥାଏ । ମନୁଷ୍ୟ ମନରେ ବହୁତ ଆଶା ଓ ଅଭିଳାଷ ଜନ୍ମେ । ଏ ସବୁ ଅଭିଳାଷର ସଫଳ ରୂପାୟନ ହୋଇ ପାରେ ନାହିଁ । ଯେଉଁ କେତେଗୋଟି ଅଭିଳାଷକୁ ସେ ସଫଳ କରିବାକୁ ନିର୍ଣ୍ଣୟ ନିଏ ତା'ପାଇଁ ସଂକଳ୍ପର ଆବଶ୍ୟକତା ପଡେ – ତାହା ଛୋଟ କାମଟିଏ ହେଉ କିମ୍ବା ଏକ ବୃହତ୍ ଯୋଜନା ହେଉ । ଏଥିପାଇଁ ଏଠାରେ ଏକ ନିଶ୍ଚିତ ଓ ଏକାଗ୍ରମନର ଆବଶ୍ୟକତା ରହିଛି ।

ଅଧ୍ୟାତ୍ମକ୍ଷେତ୍ରରେ କିନ୍ତୁ ଛୋଟିଆ ସଂକଳ୍ପଟିଏ ଆବଶ୍ୟକ । ଏହାକୁ ''ଶୁଦ୍ଧ ସଂକଳ୍ପ'' କୁହାଯାଏ । ଏହା ହେଉଛି –''ମୁଁ ମୋର ସ୍ରଷ୍ଟା ବା ସୃଷ୍ଟିକର୍ତ୍ତାଙ୍କୁ ଜାଣିବି'' ।

❖❖❖



Created with Print2PDF. To remove this line, buy a license at: http://www.software602.com/

# ଅଗ୍ରଗାମିତା

ଏହାର ଅର୍ଥ ହେଲା ଆଗକୁ ଚାଲିବା । କିନ୍ତୁ ରାସ୍ତା ଜାଣିଥିଲେ ତ ଆଗକୁ ଯିବା । ପ୍ରଚଳିତ ବ୍ୟବସ୍ଥା ଭିତରେ ଅନେକ ରାସ୍ତା ଦେଖାଯାଏ । ଏହା ମଧ୍ୟରୁ କୌଣସି ଏକ ନିର୍ଦ୍ଦିଷ୍ଟ ରାସ୍ତା କୁ ବାଛି ତା ଉପରେ ଚାଲିବା ଆମ ରୁଚିର କଥା । କିନ୍ତୁ ବେଳେ ବେଳେ ମନେହୁଏ ଆମ ନିଜେ ଏକ ରାସ୍ତା ତିଆରି କରିବା-ଯାହା ସାହାଯ୍ୟରେ ଯଥା ସମୟରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯିବା । ଏହିପରି ନୂତନଦୃଷ୍ଟିକୁ ଆଗେଇନେବା ପାଇଁ ସାହସ ଓ ଧୈର୍ଯ୍ୟ ଦରକାର ।

ସମୟର ଗତି ସବୁବେଳେ ଆଗକୁ ଟାଣେ । ଏହି ଗତି ସହିତ ତାଳଦେଇ ଆଗକୁ ଚାଲିବା କଷ୍ଟକର ହୋଇପଡ଼େ । ତେଣୁ ଆମର କର୍ମକୁ ନିୟନ୍ତ୍ରଣ ଭିତରେ ରଖିବାକୁ ପଡ଼ିବ ଏଥିପାଇଁ ଆମର ଯାତ୍ରାକୁ ଦୁଇଭାଗରେ ବିଭକ୍ତ କରାଯାଏ । ପ୍ରଥମଟି ହେଲା ‘‘ଶରୀରଧର୍ମୀ ଯାତ୍ରା’’ । ଏହାର ଅର୍ଥହେଉଛି ଶରୀରକୁ ସୁସ୍ଥ ଓ ସବଳ ରଖି ଯାତ୍ରା ପଥରେ ଅଗେଇବା । ଦ୍ୱିତୀୟଟି ହେଲା ‘‘ମନର ଯାତ୍ରା’’ । ଏହାର ଅର୍ଥ ହେଲା ମନକୁ ସ୍ଥିର ରଖି ଏକ ନିର୍ଦ୍ଦିଷ୍ଟ ପଥରେ ଆଗେଇବା । ଏହି ଯାତ୍ରାକୁ ଅଧ୍ୟାତ୍ମଭାଷାରେ ଅନ୍ତର୍ଯାତ୍ରା କୁହାଯାଏ ।

❖❖❖

# ଆଧାର

ମନୁଷ୍ୟକୁ ଚେତନାଶକ୍ତିର ଆଧାର କୁହାଯାଏ । ଯଦ୍ୟପି ସମଗ୍ର ସଂସାରରେ ଚେତନାର ପରିବ୍ୟାପ୍ତି ରହିଛି ତଥାପି ମୁନଷ୍ୟଠାରେ ଏହାର ପୂର୍ଣ୍ଣ ବିକାଶ ଦେଖାଯାଏ । ଏହି ଚେତନା ଶକ୍ତି ସୃଷ୍ଟି ରୂପରେ ପ୍ରକାଶ ପାଇଥାଏ ଏବଂ ସ୍ରଷ୍ଟାରୂପରେ ସୃଷ୍ଟିର ନିୟନ୍ତ୍ରଣ କରିଥାଏ । ତେଣୁ ଏହାକୁ ‘‘ଭଗବାନ୍’’ ଶବ୍ଦରେ କୁହାଯାଏ । ସୃଷ୍ଟି ଓ ସ୍ରଷ୍ଟା ଭିତରେ ଏକ ପ୍ରକାର ‘‘ସୂକ୍ଷ୍ମ ଦୂରତା’’ ଥିବା ହେତୁ ଭଗବାନ୍ ରୂପୀ ସ୍ରଷ୍ଟାଙ୍କୁ ଜାଣି ହୁଏ ନାହିଁ । ଏଣୁ ଏହି ‘ଜାଣି ନ ହେବା’ ବା ‘ଅଜ୍ଞାନ’ ସ୍ଥିତିକୁ ଦୂରେଇବା ପାଇଁ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରାଯାଇଛି ।

❖❖❖



Created with Print2PDF. To remove this line, buy a license at: http://www.software602.com/

*ଜୀବନରେ ବୁଝିବାର ସତ୍ୟ*

# ଦୁଃଖ

ବୃଦ୍ଧ ଭିକ୍ଷୁଟିଏ । ଜରାଜୀର୍ଣ୍ଣ ଶରୀର । ବିକୃତ ମୁଖମଣ୍ଡଳ । ଗଳିତ ଚର୍ମ । ବୟସ ତା'ର ଚରମ ସୋପାନରେ ଉପନୀତ । ହତଭାଗା ଆଜି ସ୍କୁଲ ରାସ୍ତାରେ ଭିକ୍ଷା ପାଇଁ ଯାଉଛି । ବାମହାତରେ ଭିକ୍ଷାଥାଳ । ଡାହାଣ ହାତରେ ବାଡ଼ିଟିଏ । ମନ୍ଥର ଗତିରେ ଆଗକୁ ଚାଲିଥାଏ । ତା'ର ବେଶକୁ ଦେଖି ସେହି ରାସ୍ତାରେ ଥିବା କୁକୁରଗୁଡିକ ଭୁକିବା ଆରମ୍ଭ କରିଦେଲେ । ହଠାତ୍ ତାହା ଭିତରୁ ଗୋଟିଏ ଆକ୍ରମଣ ପାଇଁ ଭିକାରୀ ନିକଟରେ ଉପସ୍ଥିତ । ଭିକାରୀଟି ନିରୁପାୟ ଥିଲା । ବାଡିଦ୍ୱାରା ସେ ସେମାନଙ୍କୁ ଖେଦିବାକୁ ଚେଷ୍ଟା କଲା । ମାତ୍ର କିଛି ଫଳ ହେଲା ନାହିଁ ।

ସ୍କୁଲ ଛୁଟି ସମୟ । ଆସିବା ରାସ୍ତାରେ ଛାତ୍ର ଦେବଦତ୍ତ ଏହା ଦେଖିଲା । ସେ ବିଚଳିତ ହୋଇଗଲା । ହଠାତ୍ ରାସ୍ତାରୁ ପଥର ଖଣ୍ଡଟିଏ ଆଣି କୁକୁରକୁ ଲକ୍ଷ୍ୟ କରି ମାରିଲା । କିନ୍ତୁ ପଥର ଖଣ୍ଡଟି ବୁଢ଼ାର ମୁଣ୍ଡରେ ବାଜିଲା । ବୁଢ଼ା ଭିକାରୀ ମଥାରୁ ରକ୍ତର ଧାର ଛୁଟିଲା । ବୁଢ଼ା ଚିତ୍କାର କରିବାକୁ ଲାଗିଲା.... ।

ଦେବଦତ୍ତ ଖୁବ୍‌ଶୀଘ୍ର ତା ନିକଟରେ ଉପସ୍ଥିତ ହେଲା । ଏବଂ ତାର ବାଡ଼ିଦ୍ୱାରା କୁକୁରଗୁଡିକୁ ଖେଦିଦେଲା ।

ତାକୁ ଧରି ଯତ୍ନର ସହ ଉଠାଇଦେଲା । ତା'ପରେ ନିକଟସ୍ଥ ବୃକ୍ଷମୂଳରେ ବସାଇ ବୁଢ଼ାପାଇଁ ଔଷଧ ଆଣିବାକୁ ଗଲା ଏବଂ କିଛିକ୍ଷଣ ମଧ୍ୟରେ ଦେବଦତ୍ତ ପୁଣି ଉପସ୍ଥିତ ହେଲା ।

ଉପଚାର ବିଧାନପୂର୍ବକ ପଚାରିଲା

.....କ'ଣ ପାଇଁ ଭିକ୍ଷା କରୁଛ ?

ଭିକ୍ଷୁ ଗଦ୍‌ଗଦ୍ ସ୍ୱରରେ କହିଲା......

କ'ଣ ମୁଁ କରିବି ? ଏହା ମୋର ଭାଗ୍ୟ

ଦେବଦତ୍ତ ବିଚଳିତ ଭାବରେ ପଚାରିଲା....

ଘରେ କିଏ ସବୁ ଅଛନ୍ତି ? ସେମାନେ କ'ଣ କରନ୍ତି ?



Created with Print2PDF. To remove this line, buy a license at: http://www.software602.com/

......ଘରେ........ ? ଘରେ ବିଧବା ବୋହୂଟିଏ ଓ ତାର ଛୋଟ ଝିଅଟିଏ ।

ଦେବଦତ୍ତ ଖୁବ୍ ବିଚଳିତ ।

ପୁଅ କିପରି....... ?

ପୁଅ ମୋର ଡ୍ରାଇଭର ଥିଲା ।

ଗାଡ଼ି ଦୁର୍ଘଟଣାରେ ତା'ର ଅପମୃତ୍ୟୁ ହୋଇଛି ।

ସେହି ଦିନରୁ ଏଇ ବୃତ୍ତି ?

ଭିକାରୀ ବାରଣ କଲା ।

ନା......ନା............. । ଗାଡ଼ି ସଂସ୍ଥାରୁ ତାର କିଛି ପ୍ରାପ୍ୟ ଥିଲା । ତାହା ପାଇବା ପାଇଁ ମୁଁ ବହୁ ଚେଷ୍ଟା କରିଛି । ବର୍ଷେ ପର୍ଯ୍ୟନ୍ତ ସେହି ସଂସ୍ଥାକୁ ମୁଁ ଧାଇଁଛି । ସେମାନଙ୍କ ସ୍ୱାର୍ଥ ଚକ୍ରରେ ମୋର ଯାତ୍ରା ଅବ୍ୟାହତ ଥିଲା । କିନ୍ତୁ ସବୁ ନିଷ୍ଫଳ ହେଲା । ସେଥିପାଇଁ ମୋର ସମସ୍ତ ସଞ୍ଚିତ ଧନକୁ ବ୍ୟୟ କରିଛି । ଘର ଖଣ୍ଡିକ ଛାଡ଼ିଦେଇ ବଞ୍ଚିବାପାଇଁ ମୁଁ ସବୁକିଛି ବିକି ଦେଇଛି । ଅନ୍ତିମ ବୟସରେ କାମ କରିବାକୁ ମୋର ସାମର୍ଥ୍ୟ ବା କାହିଁ ? ଭିକ୍ଷାକୁ ଛାଡ଼ିଦେଲେ ଅନ୍ୟ ବୃତ୍ତି କ'ଣ ଅଛି ? କିଏ ମୋ ଦୁଃଖ ବୁଝିବାକୁ ସମର୍ଥ ? ତୁମେ ଆଜି ମୋର ମହାନ୍ ଉପକାର କଲ । କିଛି ମୋର ଦୁଃଖକୁ ବୁଝିଲ । ଭଗବାନ ତୁମର ମଙ୍ଗଳ କରନ୍ତୁ । ତୁମେ ଦୀର୍ଘଜୀବୀ ହୁଅ....... ସୁଖୀ ହୁଅ ।

ଏହା କହି ଭିକ୍ଷୁ ଜଣକ ନିଜର ରାସ୍ତାରେ ଚାଲିଗଲା । ଭାରାକ୍ରାନ୍ତ ମନରେ ଦେବଦତ୍ତ ଘରକୁ ଗଲା । ସେ ପଥର ଖଣ୍ଡଟି ଫୋପାଡିଥିଲା । ଏଣୁ ସେ ଦୋଷୀ ବୋଲି ନିଜକୁ ଭାବୁଛି । ମନରେ ତାର ପ୍ରଶ୍ନ.... ବସ୍ତୁତଃ ଦୁଃଖ କ'ଣ ? ଏହାର ସ୍ୱରୂପ କ'ଣ ?

ଘରେ ଉଦାସୀନ ପରି ଦେବଦତ୍ତ ବସିଥାଏ ।

ମା ଏହାର କାରଣ ପଚାରିଲେ । ଦେବଦତ୍ତ ସମସ୍ତ ଘଟଣା ବର୍ଣ୍ଣନା କଲା । ତା'ପରେ ସେ ପଚାରିଲା.........

ମା ! ଦୁଃଖ କ'ଣ ?

ମା ହସିଲେ । ସେ ତତ୍କ୍ଷଣାତ୍ କହିଲେ.......



Created with Print2PDF. To remove this line, buy a license at: http://www.software602.com/

...... ଦୁଃଖର ଅର୍ଥ ପୀଡ଼ା ।

ତାହା କିପରି ଜାଣିବା ?

ମୁହଁର ମଳିନତା ଦ୍ୱାରା ।

ଏହାର କାରଣ କ'ଣ ?

ଆଧି (ମାନସିକ ଚାପ ବା ରୋଗ), ବ୍ୟାଧି (ଶରୀର ରୋଗ), ପରତନ୍ତ୍ରତା (ପର ଉପରେ ନିର୍ଭର କରି ରହିବା) ନସ୍ୱତା (ଦରିଦ୍ର ବା ଧନହୀନ ଅବସ୍ଥା) ଏହିପରି ନାନା କାରଣ ଅଛି । ମୁଖ୍ୟତଃ ପ୍ରିୟ ବସ୍ତୁ ଦୂରେଇଯିବା ଏବଂ ଅପ୍ରିୟ ବସ୍ତୁର ଉପଲବ୍ଧି ହିଁ ଦୁଃଖର କାରଣ ବୋଲି ଧରାଯାଏ ।

କ'ଣ ପୀଡ଼ା ହିଁ ଦୁଃଖର ସ୍ୱରୂପ ?

ହଁ......ପୀଡ଼ା ହିଁ ପ୍ରତିକୂଳ ଅନୁଭବ । ପୀଡ଼ା ମନ ଦ୍ୱାରା ଗ୍ରହଣୀୟ । ଏଣୁ ଏହା ବୁଦ୍ଧିତତ୍ତ୍ୱର ପରିଣାମ ମାତ୍ର ।

ଦେବଦତ୍ତ ଗମ୍ଭୀର ହୋଇଗଲା । ତାହାପରେ ସେ ପଚାରିଲା ।

...... କ'ଣ ଏହି ପରିଣାମ ଗୋଟିଏ ପ୍ରକାରର ?

ନା.....ନା..... । ଏହାର ସାଧାରଣ ବିଭାଗ ରହିଛି । ଦୁଃଖ ତିନିପ୍ରକାର । ଆଧ୍ୟାତ୍ମିକ....ଆଧିଭୌତିକ.......ଆଧିଦୈବିକ । ଆଧ୍ୟାତ୍ମିକ ଦୁଇପ୍ରକାର । ଶାରୀରିକ ଓ ମାନସିକ । ବୁଢ଼ା ଭିକାରୀର ଶରୀରରେ କ୍ଷୀଣତା ଏବଂ ମନରେ ମଳିନତା ତୁ ଲକ୍ଷ୍ୟ କରିଥିବୁ । ଏଣୁ ତାର ଶାରୀରିକ ଓ ମାନସିକ ଦୁଃଖ ଆଧ୍ୟାତ୍ମିକ ଦୁଃଖ ଅଟେ ।

ଆଧିଭୌତିକ ଓ ଆଧିଦୈବିକ ଦୁଃଖ ଦୁଇଟି ବାହ୍ୟଜଗତରୁ ଆସେ । ଆଧିଭୌତିକ ମନୁଷ୍ୟ-ପଶୁ-ପକ୍ଷୀ-ସରୀସୃପାଦି ପାଇଁ ହୋଇଥାଏ । ମନୁଷ୍ୟ ଦ୍ୱାରା ଓ କୁକୁର ଦ୍ୱାରା ଭିକାରୀର ଯେଉଁ ଦୁଃଖ ହେଲା ତାହା ତା'ର ଆଧିଭୌତିକ ଦୁଃଖ ଅଟେ । କର୍ମଦ୍ୱାରା ଓ ପ୍ରକୃତିର କୁ ପ୍ରଭାବ ଦ୍ୱାରା ବିହିତ ଦୁଃଖ ଆଧିଦୈବିକ ଅଟେ । ଭିକାରୀର ପୂର୍ବକର୍ମଦ୍ୱାରା ଓ ପରିବେଶ ଓ ପରିସ୍ଥିତି ଦ୍ୱାରା ଯେଉଁ ଦୁଃଖ ହେଲା ତାହା ତାର ଆଧିଦୈବିକ ଦୁଃଖ । ଦେବଦତ୍ତ ପୁଣି ପଚାରିଲା ।

......ମୋ  ମନରେ କାହିଁକି ଦୁଃଖ ହେଉଛି ?

ମା ବୁଝାଇଦେଲେ.......

........ଏହା ତୋର ପ୍ରତିକୂଳ ଅନୁଭବ ଅଟେ । ଏହି ଦୁଃଖ ସ୍ମୃତିରୁ ଜାତ । ଯେଉଳି ବୃଦ୍ଧର ପୁଅ



Created with Print2PDF. To remove this line, buy a license at: http://www.software602.com/

ମରଣଜନିତ ଦୁଃଖ ସ୍ମୃତିଜନ୍ୟ, ତୋର ପଥର ଖଣ୍ଡ ଫୋପାଡିବା ଦ୍ୱାରା ସୃଷ୍ଟି ହୋଇଥିବା ଦୁଃଖ ସେଭଳି ସ୍ମୃତିଜନ୍ୟ (ଅନୁଭବରେ ଥିବା ଘଟଣାକୁ ମନେ ପକେଇବା ବିଷୟ) ଅଟେ ।

ଦେବଦତ୍ତ ବାରଣ କରି କହିଲା.........

.......ନା.........ନା........ । ମୁଁ ଭିକାରୀ ପାଇଁ କିଛି କରିପାରିଲି ନାହିଁ । ଏହା ହିଁ ମୋର ଦୁଃଖ ।

ଏହା ଠିକ୍.......... । ଏହା ତ ତୋର ସଂକଳ୍ପରୁ ଜାତ ଦୁଃଖ । ଯେପରି ଭିକାରୀଟି ପୁଅ ମରିବା ପରେ କିଛି ପାଇବା ନିମିତ୍ତ ସଂକଳ୍ପବଶରୁ ନାନା କାମ କରିଥିଲା । କିନ୍ତୁ ତା'ର କିଛି ସିଦ୍ଧି ହେଲା ନାହିଁ । ସେହିପରି ତୁ ଯାହା ସଂକଳ୍ପ କରିଥିଲୁ ତାହା ପୂରଣ ହେଲା ନାହିଁ । ଏଥିପାଇଁ ତୋର ଦୁଃଖ ଅଟେ । ଏହାକୁ ''ସଂକଳ୍ପଜ'' ଦୁଃଖ କୁହାଯାଏ ।

ଦେବଦତ୍ତ ସେତେବେଳେ ଯାଏଁ କ୍ଲାନ୍ତ ଥିଲା । ମନରେ ତଥାପି ଲାଗିଥାଏ ସେଦିନର ଘଟଣା । ସେହି ଘଟଣା ହିଁ ବର୍ତ୍ତମାନ ତା ମନକୁ ବ୍ୟାକୁଳିତ କରୁଛି । *

❖❖❖

* ଏହା ଆଚାର୍ଯ୍ୟ କେଶବଚନ୍ଦ୍ର ଦାଶଙ୍କ ଗ୍ରନ୍ଥାବଳୀ **''କେଶବ କାବ୍ୟ କଳାନିଧି''** (ଦ୍ୱିତୀୟଭାଗ-ଲଘୁକଥା ଖଣ୍ଡ) ଗ୍ରନ୍ଥର **''ଶୂନ୍ୟ ନାଭି''** ପୁସ୍ତକରେ ଥିବା **''ଦୁଃଖମ୍''** ଲଘୁକଥାର ଓଡ଼ିଆ ରୂପାନ୍ତର ।



Created with Print2PDF. To remove this line, buy a license at: http://www.software602.com/

*ଜୀବନରେ ବୁଝିବାର ସତ୍ୟ*

# ସୁଖ

ଥରେ ଗୋଟିଏ ଗାଁରେ ବୁଢ଼ୀଟିଏ ବାସ କରୁଥିଲା । ଧନୀଭାବରେ ତା'ର ଖ୍ୟାତି ଥିଲା । କିନ୍ତୁ ସେ ଏକାକିନୀ ଥିଲା । ତା'ପାଖରେ ଶୁକଦେବ ନାମକ ଜଣେ ସେବକ ଥିଲା ।

ଶୁକଦେବ କାଠ ପାଇଁ ପ୍ରତିଦିନ ବଣକୁ ଯାଉଥିଲା । ସେଠାରୁ (ବଣରୁ) ସେ ଗୋଟିଏ ଛୋଟ ଗଛକୁ କାଟି କାଠ ଆଣୁଥିଲା । ଥରେ କାଟିବା ସମୟରେ କୌଣସି ଗୋଟିଏ ପକ୍ଷିଣୀ ସେଠାକୁ ଆସିଲା । ଗୀତ ଆକାରରେ ସେ ପଚାରିଲା.......

ଆପଣ କ'ଣ ପାଇଁ ଗଛ କାଟୁଛନ୍ତି ?

ଶୁକଦେବ କହିଲା.......

ରୋଷେଇ ପାଇଁ.......

ଯଦି ରୋଷେଇ ପାଇଁ କାଠ ଦରକାର ତେବେ ଶୁଖିଲା କାଠ କାହିଁକି ନେଉନାହାନ୍ତି ?

କେଉଁଠାରୁ ତାହା ମିଳିବ ?

ଏଇ ବଣରେ......, ଏଣେତେଣେ ଯାଉନାହାନ୍ତି କାହିଁକି ?

ଦୂରକୁ ଯିବା ପାଇଁ ମୋର ସାମର୍ଥ୍ୟ ବା କାହିଁ ? ପୁଣି ରାସ୍ତା ମଧ୍ୟ ଜଣା ନାହିଁ । ପକ୍ଷିଣୀଟି କହିଲା.....

ତା' ହେଲେ କାଲି ଆସନ୍ତୁ.........ମୁଁ ରାସ୍ତା ଦେଖାଇଦେବି । ତା' ଦ୍ୱାରା ଆପଣ କ'ଣ ସୁଖୀ ହେବେ ? ହସି ହସି ଶୁକଦେବ କହିଲା.......

କାହିଁକି ନୁହେଁ ? ଏହା ଦ୍ୱାରା ମୋର ଲାଭ ।

ପକ୍ଷିଣୀ କହିଲା.......

.....ହେଉ । ବର୍ତ୍ତମାନ ଫେରିଯାଆନ୍ତୁ । କାଲି ପୁଣି ଆସନ୍ତୁ ।

ତା'ପରଦିନ ଶୁକଦେବ ଖୁବ୍ ଆଗ୍ରହର ସହିତ ବଣକୁ ଗଲା । କିନ୍ତୁ ସେତେବେଳେ ପକ୍ଷିଣୀ ସେଠାରେ ନଥିଲା । ଶୁକଦେବ ଚିନ୍ତା କଲା – ''ପକ୍ଷିଣୀ ମୋତେ ଠକିଦେଲା'' ତେଣୁ ସେ ମନ ଦୁଃଖ କଲା । ତଥାପି ସେଠାରେ ଅପେକ୍ଷା କଲା ।



Created with Print2PDF. To remove this line, buy a license at: http://www.software602.com/

ଯଥା ସମୟରେ ପକ୍ଷିଣୀ ସେଠାରେ ଉପସ୍ଥିତି ହେଲା । ଶୁକଦେବ ତାକୁ ଦେଖିବା ମାତ୍ରେ ଆନନ୍ଦିତ ହେଲା ସତ କିନ୍ତୁ ରାଗରେ କହିଲା........

.......ହେ ବିହଗୀ ! ଆଜି କାହିଁକି ଏତେ ଡେରି ?

ବିହଗୀ କହିଲା........

ନା........ନା.......ଠିକ୍ ସମୟରେ ମୁଁ ଏଠାରେ ପହଞ୍ଚିଛି । ଆପଣ ଉତ୍ସୁକ ଅଛନ୍ତି । ତେଣୁ ଶୀଘ୍ର ଆସିଛନ୍ତି । ଏଣୁ ଏପରି ଜଣାଯାଉଛି ।

ଶୁକଦେବ ଅନୁରୋଧ କରି କହିଲା......

ହେଉ........, ପୁଣି ବିଳମ୍ବ ହୋଇପାରେ । ଦୟାକରି ଶୀଘ୍ର ଦେଖାଅ ।

ବିହଗୀ ବର୍ଣ୍ଣନା କରି କହିଲା........

ଆପଣ ବର୍ତ୍ତମାନ ଦକ୍ଷିଣଦିଗକୁ ଯାଆନ୍ତୁ । ନିକଟରେ ବିରାଟ ଶୁଖିଲା ଗଛଟିଏ ଅଛି । ସେଠାରୁ ନିଜର ଶକ୍ତି ତଥା ଆବଶ୍ୟକତା ଅନୁସାରେ କାଠ ଆଣିପାରିବେ । ଯଦି ତହିଁରୁ ଅଧିକ ଆଣିବେ ତାହାଲେ ଆପଣ ପାଷାଣ ହୋଇଯିବେ ।

ଶୁକଦେବ ଚମକି ପଡିଲା । ସେ ଡ଼ରି କିଛି କହିବାକୁ ଚିନ୍ତାକଲା ସମୟରେ ବିହଗୀ କହିଲା...

......ବର୍ତ୍ତମାନ ଯାଆନ୍ତୁ ।

ବିହଗୀ ଉଡି ଚାଲିଗଲା ।

ନିର୍ଦ୍ଦେଶାନୁସାରେ ଶୁକଦେବ ଆଗକୁ ଚାଲିଲା । କିଛି ଦୂର ଯିବା ପରେ ସେ ଶୁଖିଲା ଗଛଟିଏ ଦେଖିଲା । ତା'ପରେ ସେ ଭାରି ଖୁସି ହୋଇଗଲା । ଖୁବ୍‌ଶୀଘ୍ର ସେ ସେଠାରେ ପହଞ୍ଚିଲା । ତା'ଆଗରେ ବିରାଟ ଗଛଟି । କେଉଁଠାରୁ ସେ କାଠ ଭାଙ୍ଗିବ ଏହା ଚିନ୍ତା କରି କରି କିଛି ସମୟ ସେଠାରେ ସ୍ତମ୍ଭୀଭୂତ ହୋଇଗଲା ।

କ୍ରମେକ୍ରମେ ପକ୍ଷୀମାନଙ୍କର କାକଳି ତାର ମନକୁ ଖୁବ୍ ଆନନ୍ଦ ଦେଲା । ସେ ଉଠି ଏଣେତେଣେ ଦେଖିଲା । ତା'ପରେ ସୁମନୋହର ଫୁଲଗୁଡିକ ଉପରେ ତାର ଆଖିପଡ଼ିଲା । ଶୁକଦେବ ପ୍ରସନ୍ନ ହୋଇ ସେଠାକୁ ଗଲା । ଯେତେବେଳେ ସେ ଅପୂର୍ବଦୃଶ୍ୟରେ ନିମଗ୍ନ ସେତେବଳେ କେତୋଟି ଫଳ ତଳେ ପଡିଲା । ଶୁକଦେବ ଫଳଗୁଡିକୁ ଖାଇଲା । ଫଳଗୁଡିକ ସ୍ୱାଦପୂର୍ଣ୍ଣ ମଧ୍ୟ ଥିଲା । ଏଣୁ ଭୋଜନ ହିଁ ତୃପ୍ତିକର



Created with Print2PDF. To remove this line, buy a license at: http://www.software602.com/

ହେଲା । ତାହାପରେ ସେ ଗଛମୂଳରେ ବିଶ୍ରାମ ନେଲା । ବିଶ୍ରାମ ନେଉନେଉ ନିଦ ଆସିଗଲା । ଏଣୁ ସେ ସେଠାରେ ହିଁ ଶୋଇଗଲା ।

ଅପରାହ୍ଣ ହୋଇଗଲା ।

ହାଠାତ୍ ତା'ଉପରେ ଗୋଟିଏ ଫଳ ପଡିଲା ।

ତା'ର ନିଦ ଭାଙ୍ଗିଗଲା । ମେଲାପାଟିରେ ନିଜକୁ ନିଜେ କହୁଥାଏ...... ଅହୋ ! କି ସୁଖ.... !

କିନ୍ତୁ ସଂଧ୍ୟା ଆସିଯିବ ଭାବି ସେ ଖୁବ୍‌ଶୀଘ୍ର ଶୁଖିଲା ଗଛପାଖକୁ ଧାଇଁଲା । ସେଠାରେ ପହଞ୍ଚିଥିଲେ ମଧ୍ୟ ସେ ପୂର୍ବପରି ସନ୍ଦେହ ଘେରରେ ଥିଲା । କେଉଁଠାରୁ ପ୍ରଥମେ ଭାଙ୍ଗିବ, ଏ ବିଷୟରେ ପୁଣି ଚିନ୍ତା କଲା । କିନ୍ତୁ କିଛି ଉପାୟ ନପାଇ ଗଛମୂଳକୁ ଧରି ସାଷ୍ଟାଙ୍ଗ ପ୍ରଣାମ କଲା । ପ୍ରାର୍ଥନା ଛଳରେ ସେ କହିଲା.... ।

ହେ ବୃକ୍ଷରାଜ ! ମୁଁ ଉପାୟହୀନ ଅଟେ । ଦୟାକରି ମୋତେ ବାଟ ବତାଇ ଦିଅ ।

ହଠାତ୍ ଗଛରୁ ଗୋଟିଏ ଡାଳ ତଳେ ପଡିଲା । ତାହା ଦେଖି ଶୁକଦେବ ଖୁବ୍ ଆନନ୍ଦିତ । ତା'ପରେ ସେ ପୁଣି ଗଛକୁ ପ୍ରଣାମ କରି କାଠକୁ ଘରକୁ ଆଣି ଯଥାସ୍ଥାନରେ ରଖି ନିଜକୁ ନିଜେ କହିଲା........

............ବର୍ତ୍ତମାନ ମୁଁ ଭାରି ଖୁସି ।

ଶୁକଦେବ ପାଟିକୁ ଜାଣିପାରି ବୁଢ଼ୀ ସେଠାରେ ପହଞ୍ଚିଲା । ସେ ପଚାରିଲା...........

......ଆରେ ! ତୁ ଆଜି ଭାରି ଖୁସି, କାରଣ କ'ଣ ?

ଶୁକଦେବ ସରଳ ଭାବେ ଆମୂଳଚୂଳ କହିଗଲା ।

...........ଗଛଟି ମହାନ୍ ଅଟେ । ଜାଳେଣୀ ଚିନ୍ତା ଆମର ଗଲା । ଏଣୁ ଆମ୍ଭେମାନେ ଭାରି ଖୁସି ।

ବୃଦ୍ଧା ଜଣକ ଆଶ୍ଚର୍ଯ୍ୟ ହେଲା । ତା' ମନରେ ଲୋଭ ଜାତହେଲା । ସେ କହିଲା.........

.......କାଲି ଶଗଡ଼ଟି ନେଇ ଯା । ସେଠାରୁ ଯେତେ ସମ୍ଭବ ଶଗଡ଼ ପୂର୍ଣ୍ଣ କରି କାଠ ଆଣ । ଚାରି ପାଞ୍ଚ ଦିନରେ ସବୁ କାଠ ଏଠାକୁ ଆଣି ସଂଗ୍ରହ କର । ଆଦେଶ ଶୁଣି ଶୁକଦେବ ଭୟଭୀତ ହୋଇଗଲା । ସେ ବିନୀତ ଭାବେ କହିଲା......



Created with Print2PDF. To remove this line, buy a license at: http://www.software602.com/

........ମା ! ଯଦି ଅଧିକ କାଠ ଆଣିବି ତା’ହେଲେ ମୁଁ ପାଷାଣ ହୋଇଯିବି ବୋଲି ପକ୍ଷିଣୀ କହିଛି । ଏହା ଶୁଣି ବୁଢ଼ୀ ହସିଲା...........

.......... ଆରେ ବୋକା ! ପଶୁପକ୍ଷୀମାନଙ୍କର କଥା କେବେ ସତ ହୁଏ ? ମୁଁ ଯାହା କହୁଛି ତାହା କର । ଆସନ୍ତା କାଲି ଖୁବ୍ ସକାଳେ ଶଗଡ଼ ନେଇ ଯା ।

ଶୁକଦେବ ଚିନ୍ତା କଲା – ଯଦି ଅଳ୍ପଦିନ ଭିତରେ ପୁରା ଗଛଟି ସେଠାରୁ ଆଣିପାରିବି ତା’ହେଲେ ବାରମ୍ବାର ବଣକୁ ଯିବା କଷ୍ଟ ମୋର ଦୂରେଇଯିବ । ତା’ଦ୍ୱାରା ମୁଁ ସୁଖୀହେବି । ଶୁକଦେବ ଖୁବ୍ ସକାଳେ ବଣକୁ ଗଲା.........ବର୍ତ୍ତମାନ ବିହଗୀ ସେଠାକୁ ଆସିନାହିଁ । ଡେରି ହୋଇପାରେ ବୋଲି ଚିନ୍ତା କରି ଖୁବ୍‌ଶିଘ୍ର ସେ ଲକ୍ଷ୍ୟସ୍ଥାନକୁ ଗଲା । ବଳଦ ଦୁଇଟିକୁ ଚରିବା ପାଇଁ ଫିଟାଇ ଦେଲା ଏବଂ ଶଗଡ଼କୁ ଏକ ସ୍ଥାନରେ ରଖିଦେଲା ।

ତା’ପରେ ଗଛକୁ ଚଢ଼ି ଡ଼ାଳଗୁଡ଼ିକୁ କାଟିବାକୁ ଆରମ୍ଭ କଲା । କିଛି ସମୟ ପରେ ସେ ଥକି ପଡିଲା । ଏଣୁ ଗଛରୁ ଓହ୍ଲାଇ ବିଶ୍ରାମ ନେବା ପାଇଁ ବସିପଡିଲା । ତା’ପରେ କାଠଗୁଡ଼ିକୁ ସଂଗ୍ରହ କରି ଶଗଡ଼ରେ ଲଦିବାକୁ ଆରମ୍ଭ କଲା । କାଠରେ ଶଗଡ଼ିଟି ପୂର୍ଣ୍ଣ । ତା’ପରେ ଶୁକଦେବ ଚିନ୍ତାକଲା......

............ବର୍ତ୍ତମାନ ସମୟ ଅଛି, ଯଦି ପୁଣି କିଛି ଡାଳ କାଟିବି ତାହାହେଲେ କାଲି ଅଧିକ ପରିଶ୍ରମ ହେବ ନାହିଁ । ସୁଖରେ ଗାଡିଏ କାଠ ନେଇ ଯିବି ।

ତାହାପରେ ଶୁକଦେବ କୁରାଢ଼ୀ ଧରି ଗଛ ନିକଟକୁ ଗଲା । ଯେତେବେଳେ ଚଢ଼ିବା ପାଇଁ ପାଦ ଉଠାଇଛି ସେତେବେଳେ ସେ ପଥର ପାଲଟିଗଲା ।

ସଂଧ୍ୟା ହୋଇଗଲା........ ।

ବୁଢ଼ୀ ଚାହିଁଥାଏ । କିନ୍ତୁ ଶୁକଦେବ ଫେରୁନାହିଁ । ବୁଢ଼ୀ ଗୁହାଳକୁ ଗଲା ସେଠାରେ ସେ ବଳଦ ଦୁଇଟିକୁ ଦେଖି ବିସ୍ମିତ ହେଲା । ସେବକର କଥା ମନେ ପକାଇ ଚିନ୍ତାଗ୍ରସ୍ତ ହେଲା । ଚିନ୍ତାରେ ସେ ରାତିରେ ଶୋଇପାରିଲା ନାହିଁ ।

ସକାଳ ହେଲା.......... ।



Created with Print2PDF. To remove this line, buy a license at: http://www.software602.com/

ସେବକର କହିଥିବା କଥାନୁସାରେ ବୁଢ଼ୀ ବଣକୁ ଗଲା । ଧୀରେ ଧୀରେ ଯାଉଯାଉ ସେ ଚାରିଛକି ରାସ୍ତାଟିଏ ପାଇଲା । ସେଠାରେ ଠିଆ ହୋଇ ସେ ଏଣେତେଣେ ଅନାଇଲା । କିନ୍ତୁ କେଉଁ ଦିଗକୁ ଯିବ ତାହା ନିଶ୍ଚୟ କରିପାରିଲା ନାହିଁ ।

ଏହି ସମୟରେ ବିହଗୀ ପଚାରିଲା.......

.........ମା ! କେଉଁଠାକୁ ଯିବ ?

ବୁଢ଼ୀ ଆଶ୍ଚର୍ଯ୍ୟ ହୋଇଗଲା । ସେ ବିହଗୀକୁ ଚାହିଁଥାଏ । ବିହଗୀ ପୂର୍ବପରି ପ୍ରଶ୍ନ ପଚାରିଲା ।

ସେ ଭୟରେ ତଥା ଦୁଃଖରେ ସମସ୍ତ କଥା ବର୍ଣ୍ଣନା କଲା । ତାହାପରେ କହିଲା.......... ପତି ଓ ପୁଅ ସମସ୍ତେ ଗଲେ । କେବଳ ସେବକଟିଏ ଥିଲା । ସେ ମଧ୍ୟ ଗଲା । ମୋ ଭାଗ୍ୟରେ ସୁଖ କାହିଁ ?

ବିହଗୀ ହସି କହିଲା............

ମୁଁ ତୁମ ସେବକ ବିଷୟରେ ଜାଣେ । ମୁଁ ମଧ୍ୟ ସୁଖର ରାସ୍ତା ଦେଖାଇଦେବି । କିନ୍ତୁ ଯାହା ମୁଁ ମାଗିବି ତାହା ତୁମେ ଦେବ ତ ?

ବୁଢ଼ୀ କହିଲା........

.......ହଁ ନିଶ୍ଚିତ......

ବିହଗୀ କହିଲା.........

.........ଯଦି ନଦେବ ତେବେ ତୁମେ ମଧ୍ୟ ପଥର ପାଲଟି ଯିବ । ବୁଢ଼ୀ ଭୟ କମ୍ପିତ କଣ୍ଠରେ କହିଲା.............

...........ନିଶ୍ଚିତ ଦେବି ।

ତା'ପରେ ବିହଗୀ ରାସ୍ତା ବତାଇଲା । ବୁଢ଼ୀ ଶୁଖିଲା ଗଛ ନିକଟକୁ ଗଲା । ସେଠାର ସେ ଦେଖିଲା ଯେ, କାଠରେ ପୂର୍ଣ୍ଣ ଶଗଡ଼ଟି ଠିଆ ହୋଇଛି । ସେବକ ମଧ୍ୟ ଆରୋହଣ ମୁଦ୍ରାରେ ପଥର ପାଲଟି ଯାଇଛି । ସେ (ବୁଢ଼ୀ) କଇଁକଇଁ କାନ୍ଦିବାକୁ ଲାଗିଲା ।

ବିହଗୀ ପହଞ୍ଚି କହିଲା...........

କାନ୍ଦି ଲାଭ କ'ଣ ? ପ୍ରତିକାର କର । ବୁଢ଼ୀ ପଚାରିଲା ।



Created with Print2PDF. To remove this line, buy a license at: http://www.software602.com/

...........କିପରି କରିବି ?

ବିହଗୀ ଆଦେଶ ପୂର୍ବକ କହିଲା........

.......ପ୍ରତିମାକୁ କୁହ ‘‘ ଏହା ପରଠୁଁ ମୁଁ ତୁମକୁ କେବେ କଷ୍ଟ ଦେବିନାହିଁ ।’’

ବୁଢ଼ୀ ସେହିପରି କହିଲା । ହଠାତ୍ ସେବକଟି ଜୀବନ ଫେରି ପାଇଲା । ପରସ୍ପରକୁ ଚାହିଁ ଉଭୟର ଦୁଃଖ ଚାଲିଗଲା ।

ବିହଗୀକୁ ଚାହିଁ ବୁଢ଼ୀ କହିଲା.........

ବିହଗୀ ! କ’ଣ ମାଗିବାକୁ ଚାହୁଁଛ ? ମାଗ.....

ବିହଗୀ ହସିଲା.....

.........ମୁଁ ତ ମାଗିବି । ଏହା ପରେ ତୁମର ଇଚ୍ଛା କ’ଣ କୁହ ।

ବୁଢ଼ୀ ଚିନ୍ତାକରି କହିଲା........

.....ସୁଖ ବୋଲି ମୁଁ କିଛି ଜାଣିନାହିଁ ।

ସୁଖ କ’ଣ ? କିପରି ମୁଁ ସୁଖୀ ହେବି ?

ବହଗୀ ବର୍ଣ୍ଣନା କରି କହିଲା.........

ଅନୁକୂଳ ଅନୁଭବ ହିଁ ସୁଖ । ଅନୁଭବ ଯେତେବେଳେ ଅନୁକୂଳ ହୁଏ ସେତେବେଳେ ସୁଖ ସୃଷ୍ଟି ହୋଇଥାଏ । ଅନୁଭବ ଯୋଗୁଁ ଚିତ୍ତ ଅନୁକୂଳ ହୁଏ, ତାହା ହିଁ ସୁଖର କାରଣ ଅଟେ ।

ବୁଢ଼ୀ କହିଲା.......

ଏପରି ସୁଖ ତ ଅନୁଭବ ହୁଏ । ତଥାପି ମୁଁ କାହିଁକି ସୁଖୀ ନୁହେଁ ?

ବିହଗୀ ବୁଝାଇ କହିଲା...........

.....ଯାହା ଅନୁଭବ ହୁଏ ତାହା ଚାରିପ୍ରକାର । ଯଥା – ପ୍ରଥମତଃ ଜୀବନ ଆରମ୍ଭରେ ତୁମେ ଭଲ ଦୃଶ୍ୟମାନ ଦେଖିଛ, ମଧୁର ଗୀତ ଶୁଣିଛ, ସ୍ୱାଦଯୁକ୍ତ ଖାଦ୍ୟ ଖାଇଛ, ସୁଖ ନିଦ୍ରା ଯାଇଛ, ଭଲ ଘରେ ବାସ କରିଛ ଇତ୍ୟାଦି । ଏଗୁଡିକ ସବୁ ବୈଷୟିକ ସୁଖ । ଦ୍ୱିତୀୟରେ ବିବାହପରେ ତୁମର ପରିବର୍ତ୍ତନ ଘଟିଛି । ତଦ୍ୱାରା ତୁମର ଧନଲାଭ, ସନ୍ତତିଲାଭ ଏବଂ ଯଶ ଲାଭ ହୋଇଛି ଓ ପ୍ରତିଷ୍ଠା ମଧ ହୋଇଛି । ଏଣୁ ତୁମର



Created with Print2PDF. To remove this line, buy a license at: http://www.software602.com/

ଅଭିମାନ ବଢ଼ିଯାଇଛି । ଅଭିମାନ ବଢ଼ିବାରେ ଯାହା ସୁଖ ମିଳିଛି, ତାହା ସବୁ ଅଭିମାନିକ ସୁଖ । ଏହାପରେ ପତି, ସନ୍ତାନସନ୍ତତି, ଘରକରଣା ଜିନିଷ ପ୍ରଭୃତି ପାଇ ତୁମେ ନାନା କଳ୍ପନା କରିଥିଲ । ସେହି ଅନୁସାରେ ମଧ୍ୟ ମନର କଳ୍ପନା ଚାଲିଛି । ତାଦ୍ୱାରା ଯେଉଁ ସୁଖ ତୁମେ ପାଇଛ ତାହା ମନୋରଥିକ ସୁଖ ଅଟେ । ଶେଷରେ ଅଭ୍ୟାସ ଯୋଗୁଁ ରୁଚିଅନୁକୂଳ ଯାହା କିଛି କରୁଛ ତାହା ସବୁ ଅଭ୍ୟାସଗତ ସୁଖ ଅଟେ ।

ଏହା ସବୁ ସାଂସାରିକ ସୁଖ ଅଟେ । ଏଗୁଡ଼ିକ ଅଳ୍ପକାଳ ସ୍ଥାୟୀ

ବୁଢ଼ୀ ପଚାରିଲା .....

..... ତା'ହେଲେ କେଉଁ ସୁଖ ଦୀର୍ଘକାଳ ସ୍ଥାୟୀ ?

...... ତାହା ହେଲା ପାରମାର୍ଥିକ ସୁଖ ।

...... ତାହା କିପରି ମିଳିଥାଏ ?

ବିହଗୀ କହିଲା ......

ମୁଁ କହିବି । କିନ୍ତୁ ଯାହା ମୁଁ ମାଗିଥିଲି ତାହା ଦେବଟି ?

ବୁଢ଼ୀ ଆନନ୍ଦର ସହିତ କହିଲା ?

କୁହ, ନିଶ୍ଚିତ ଦେବି ।

ବିହଗୀ କହିଲା ......

...... ତା'ହେଲେ କଥା ଦିଅ ।

କଥା .... ? ଦେଇସାରିଛି ...... ! ପୁଣି ଯଦି ଚାହୁଁଛ, ତା'ହେଲେ ଶୁଣ-ତୁମ କଥା ନିଶ୍ଚିତ ପାଳନ କରିବି ବୋଲି ସତ୍ୟ କରୁଛି ।

ବିହଗୀ ଉପଦେଶ ଦେଇ କହିଲା .....

...... ସାଂସାରିକ ବସ୍ତୁମାନଙ୍କର ସୀମା ରହିଛି । ଅନୁଭବ ତଥା ଉପଭୋଗର ମଧ୍ୟ ସୀମା ରହିଛି । ଯେତେବେଳେ ସୀମା ସ୍ପର୍ଶ କରେ, ସେତେବେଳେ ସାଂସାରିକ ସୁଖର ସମାପ୍ତି ଘଟେ । ଯଦି ଅନୁଭବ ବା ଉପଭୋଗ ପ୍ରତିକୂଳରେ ସୀମାସ୍ପର୍ଶ କରେ, ସେତେବେଳେ ଅଶାନ୍ତି ହୋଇଥାଏ "ଅଶାନ୍ତର ସୁଖ କାହିଁ..." ଏଣୁ ଜୀବନଯାପନରେ ସନ୍ତୁଳନ ଆବଶ୍ୟକ । ସନ୍ତୁଳନର ଅର୍ଥ ଭୋଗ, ତ୍ୟାଗର ଭାରସାମ୍ୟ ରକ୍ଷା କରିବା ।



Created with Print2PDF. To remove this line, buy a license at: http://www.software602.com/

ଏହାଦ୍ୱାରା ମାନସିକ ସ୍ଥିରତା ଆସିଥାଏ । ପାରମାର୍ଥିକ ସୁଖ ସାଂସାରିକ ସୁଖରୁ ଊର୍ଦ୍ଧ୍ୱରେ ଥାଏ । ତାର ଜ୍ଞାନରେ ଅପୂର୍ବ ଆନନ୍ଦ ଜାତ ହୁଏ । ତାଦ୍ୱାରା ମଣିଷ ଚିରସୁଖୀ ହୁଏ । ସେତେବେଳେ ଭଗବତ୍‌ତତ୍ତ୍ୱ ପୂର୍ଣ୍ଣଭାବେ ଫୁଟିଥାଏ । ବୃଦ୍ଧାଜଣକ ବିସ୍ମିତା ହୋଇଗଲା । ସେ ପୁଣି ପଚାରିଲା .....

...... ତା'ହେଲେ ମୁଁ କ'ଣ କରିବି ?

ବିହଗୀ କହିଲା .......

..... ତୁମର ଯେତିକି ଧନ ଦରକାର ତା'ଠାରୁ ଅଧିକ ଧନ ତୁମ ପାଖରେ ଅଛି । ତାହା ହିଁ ତୁମର ଭାରସାମ୍ୟ ହରାଉଛି । ଯଦି ତାହା କଲ୍ୟାଣ କାମରେ ବିନିଯୋଗ କର ତା'ହେଲେ ତୁମର ସୁଖ ହୋଇପାରେ । ଏଣୁ ଖୁବ୍ ଶୀଘ୍ର ସେଗୁଡ଼ିକୁ କଲ୍ୟାଣ କାମରେ ଲଗାଇଦିଅ । ହଁ–ଯାହା କରିବ ତାହାସବୁ ଈଶ୍ୱରଙ୍କର ପ୍ରୀତି ନିମିତ୍ତ କରୁଛ ବୋଲି ବିଚାର କରିବ । ତା'ଦ୍ୱାରା ତୁମେ ଚିରସୁଖିନୀ ହେବ ବୋଲି କହି......... ବିହଗୀ ଉଡ଼ି ଅଦୃଶ୍ୟ ହୋଇଗଲା ।

ବୁଢ଼ୀ ସେବକ ସହିତ ଘରକୁ ଆସିଲା....... ପ୍ରଥମେ ସେ ଚାକରର କଲ୍ୟାଣ ପାଇଁ କାମ କଲା । ତା'ପରେ ଗାଁର ଉନ୍ନତି ପାଇଁ ନାନାପ୍ରକାର ଉନ୍ନତିମୂଳକ କର୍ମ କରିବାକୁ ଲାଗିଲା । ଏହାଦ୍ୱାରା ସମସ୍ତେ ତା'ର ଆପଣାର ହେଲେ । ତା'ର ଗୁଣଗାନ କଲେ ସେ ମଧ୍ୟ ସବୁ କିଛି ଈଶ୍ୱରଙ୍କ ପ୍ରୀତି ନିମିତ୍ତ କରୁଛି ବୋଲି ଭାବି ପରମ ଆନନ୍ଦ ଅନୁଭବ କଲା ।*

❖❖❖

*ଏହା ଆଚାର୍ଯ୍ୟ କେଶବଚନ୍ଦ୍ର ଦାଶଙ୍କ ଗ୍ରନ୍ଥାବଳୀ ''**କେଶବକାବ୍ୟ କଳାନିଧି**'' (ଦ୍ୱିତୀୟଭାଗ-ଲଘୁକଥା ଖଣ୍ଡ) ଗ୍ରନ୍ଥର ''**ଶୂନ୍ୟନାଭି**'' ପୁସ୍ତକରେ ଥିବା ''**ସୁଖମ୍**'' ଲଘୁକଥାର ଓଡ଼ିଆ ରୂପାନ୍ତର ।



Created with Print2PDF. To remove this line, buy a license at: http://www.software602.com/

*ଜୀବନରେ ବୁଝିବାର ସତ୍ୟ*

# ଆତ୍ମା

ଆତ୍ମାଠାରେ ସବୁର ପରିସମାପ୍ତି । ଆତ୍ମା ହିଁ ଅନ୍ତିମ ବିନ୍ଦୁ । ଏହା ହିଁ ଆମ ଭାରତୀୟ ବିଚାର । ଶିଷ୍ୟ ପଚାରିଲା –

....... ଏହି ଆତ୍ମା କିଏ ? ତା'ର ସ୍ୱରୁପ କ'ଣ ?

ଗୁରୁ କହିଲେ ........

...... ଏହା ପ୍ରକାଶ ସ୍ୱରୂପ ।

ଶିଷ୍ୟ ଜିଜ୍ଞାସା କଲା .........

........ କିପରି ......... ?

ଗୁରୁ ପୁଣି ପଚାରିଲେ..........

........ ପ୍ରକାଶ କେଉଁଠାରୁ ଆସେ ?

ଶିଷ୍ୟ କହିଲା.....

....... ସୂର୍ଯ୍ୟଙ୍କଠାରୁ ..........

ଯଦି ସୂର୍ଯ୍ୟ ନଥାନ୍ତା ....... ?

ତା'ହେଲେ ଚନ୍ଦ୍ରଠାରୁ .........

ଯଦି ଚନ୍ଦ୍ର ନଥାନ୍ତା ........

ତା'ହେଲେ ଅଗ୍ନିରୁ .........

ଯଦି ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି ଏହି ତିନୋଟି ନଥାନ୍ତା, ତା'ହେଲେ ଆଲୋକ କେଉଁଠାରୁ ଆସନ୍ତା ...... ?

ଶିଷ୍ୟ ନିରୁତ୍ତର ହେଲା ।

ଗୁରୁ ବୁଝାଇଲେ ..........

କେହି ଜଣେ ଅନ୍ଧାରରେ ଯାଉଛି । ସେତେବେଳେ ସୂର୍ଯ୍ୟ ନାହିଁ, ଚନ୍ଦ୍ର ମଧ୍ୟ ନାହିଁ । ଲୋକଟିର ହାତରେ ଆଲୋକ ମଧ୍ୟ ନାହିଁ, ସେ କିପରି ଯାଇଥାଏ ?



Created with Print2PDF. To remove this line, buy a license at: http://www.software602.com/

ଶିଷ୍ୟ ତଥାପି ନିରୁତ୍ତର ।

ଗୁରୁ କହିଲେ .......

ସେତେବେଳେ ଭୟରେ ସେ କାହାରିକୁ ଡାକିବ କିମ୍ୱା ଗୁଣୁଗୁଣୁ ଶବ୍ଦ କରିବ । କିଛି ଗୀତ ଗାଇବ । ସେତେବେଳେ କଥା ବାହାରିଥାଏ । ଏଣୁ କଥା ହିଁ ଜ୍ୟୋତି...... ।

ଶିଷ୍ୟ ପଚାରିଲା ........

ଯଦି ସେ ଲୋକଟି ମୁକ ହୋଇଥାଏ........ ପୁଣି ଅନ୍ଧ ହୋଇଥାଏ । ତା' ହେଲେ...........

ଗୁରୁ ଓଲଟି ପଚାରିଲେ .......

ସେତେବେଳେ ସିଏ ଯାଇପାରେ ନା ନାହିଁ ?

ଯାଇଥାଏ .......

କିପରି ଭାବେ ....... ? ସେତେବେଳେ ଆଲୋକ କେଉଁଠାରୁ ଆସେ ?

ଯାହା ମାର୍ଗ ନିରୂପଣ କରେ, ଯାହାଦ୍ୱାରା ମନୁଷ୍ୟ ଗତିମାନ୍ ହୁଏ ଏବଂ ଯେଉଁଠାରୁ ଆଲୋକ ଆସିଥାଏ, ସେହି ଅଧିଷ୍ଠାନ ସ୍ୱରୂପ....ଆଲୋକ.... ଆତ୍ମା .... । ଅର୍ଥାତ୍ ସୂକ୍ଷ୍ମସ୍ୱରୂପ ଆଲୋକକୁ ଆତ୍ମା କୁହାଯାଏ । ଏହା ମନୁଷ୍ୟର ଏବଂ ସକଳ ଜଗତର ଚେତନା ଶକ୍ତିକୁ ବୁଝାଏ । *

❖❖❖

---

* ଏହା ଆଚାର୍ଯ୍ୟ କେଶବଚନ୍ଦ୍ର ଦାଶଙ୍କ ଗ୍ରନ୍ଥାବଳୀ "**କେଶବ କାବ୍ୟ କଳାନିଧି**" (ଦ୍ୱିତୀୟ ଭାଗ-ଲଘୁକଥା ଖଣ୍ଡ) ଗ୍ରନ୍ଥର ଶୂନ୍ୟନାଭି ପୁସ୍ତକରେ ଥିବା "**ଆତ୍ମା**" ନାମକ ଲଘୁକଥାର ଓଡ଼ିଆ ରୂପାନ୍ତର ।



Created with Print2PDF. To remove this line, buy a license at: http://www.software602.com/

*ଜୀବନରେ ବୁଝିବାର ସତ୍ୟ*

# ସତ୍ୟ

ଅନ୍ୟ ଏକ ଦିନ ଜେଜେ ମାଆ ଅଗଣାରେ ବସି ଜପରେ ମଗ୍ନ ଥାଏ, ପୁଲୋମଜା ତକିଆ ପାଖରେ ବସି ତା'ର ମୁହଁକୁ ଚାହିଁଥାଏ । ମାଧବ ଟିକିଏ ବିରକ୍ତ ହୋଇ କହିଲା, ଜେଜେ ମାଆ ! ଶେଷ କରୁନୁ କାହିଁକି ? ଆଜି କ'ଣ କଥା ଶୁଣାଇବୁ ନାହିଁ । ଜେଜେ ମାଆ ପୂର୍ବଭଳି ଧୀରେ ବସିଥାଏ । କଣ୍ଠ ପରିଷ୍କାର କରୁଥାଏ । ହାଇଟିଏ ମାରି ଆରମ୍ଭ କଲା । ଥରେ..........

ଥରେ ଗୋଟିଏ ଗାଁ ମୁଣ୍ଡରେ ପୋଖରୀଟିଏ ଥାଏ । ସେଥିରେ ଗାଁ ଲୋକେ ଗାଧୁଆ ପାଧୁଆ କରନ୍ତି । ଲୁଗାପଟା ଧୁଅନ୍ତି । ସେଇଠି ପାଣି ସାରନ୍ତି । ସେଥିରୁ ପାଣି ଆଣି ପିଅନ୍ତି ଏବଂ ରୋଷେଇବାସ କରନ୍ତି । ସେଇଠି ପୁଣି ଗାଈ, ଛେଳି ପ୍ରଭୃତିଙ୍କୁ ଗାଧୋଇ ଦିଅନ୍ତି । ପୋଖରୀ ଚାରିପଟେ ବିଭିନ୍ନ ଗଛ ରହିଛି । କେତେକ ଗଛ କୂଳକୁ ଲାଗିଗଲାଣି । ପୋଖରୀ ଆରପଟେ ଗୋଟିଏ ଆଶ୍ରମ ଥାଏ । ସେଠି ଜଣେ ମୁନି ରୁହନ୍ତି । ସେ ମଧ୍ୟ ତର୍ପଣାଦି କର୍ମ ସେଠି କରନ୍ତି । କିନ୍ତୁ ସବୁବେଳେ ଅସନ୍ତୁଷ୍ଟ ଥାଆନ୍ତି । ସେ ଲୋକଙ୍କୁ ଅନୁରୋଧ କରନ୍ତି । ବାରମ୍ବାର ଉପଦେଶ ଦିଅନ୍ତି । କିନ୍ତୁ ତାଙ୍କ କଥା କେହି ହେଲେ ଶୁଣନ୍ତି ନାହିଁ ।

ମୁନି ଜଣକ ଥରେ ଚିନ୍ତା କଲେ - କି ପ୍ରକାର ଏହି ଲୋକଙ୍କୁ ବୁଝାଇବି । ପୋଖରୀରୁ ପଙ୍କ ବାହାରୁନାହିଁ । ନିତିଦିନ ପାଣି ଦୂଷିତ ହେଉଛି । ଦୂଷିତ ପାଣି ପିଇ ଲୋକମାନେ ବେମାର ପଡୁଛନ୍ତି । କିପରି ଏମାନଙ୍କୁ ବାରଣ କରିବି - ହଠାତ୍ ପାଟିତୁଣ୍ଡ ଶୁଣାଗଲା । ମୁନି ବାହାରକୁ ଆସି ଦେଖିଲେ କେତେକ ଲୋକ ଗୋଟିଏ ପିଲାକୁ ମାଡ଼ ଦେଉଛନ୍ତି ଏବଂ ତାକୁ ଗାଳି କରୁଛନ୍ତି । ପିଲାଟି ଭୟରେ ଥରୁଛି ଏବଂ କାନ୍ଦୁଛି । ମୁନି ସେ ସ୍ଥାନକୁ ଆସିଲେ । ଲୋକମାନଙ୍କୁ ବାରଣ କରି ପଚାରିଲେ - କ'ଣ ହେଲା ? କାହିଁକି ଆପଣମାନେ ଏହାକୁ ମାଡ଼ ଦେଉଛନ୍ତି ? ଲୋକମାନେ କହିଲେ - ''ଇଏ ମିଛୁଆ'' ସବୁବେଳେ ମିଛ କହୁଛି । ଅକାରଣରେ ସମସ୍ତଙ୍କୁ ଠକୁଛି । ଏବେ ଆମକୁ ଠକିଛି । ମୁନି ଜଣକ ପିଲାଟିକୁ ପଚାରିଲେ- ଆରେ ସତ କହୁନାହୁଁ । ପିଲାଟି ଥର ଥର କଣ୍ଠରେ କହିଲା - ସତ କ'ଣ ? ମୁନି



Created with Print2PDF. To remove this line, buy a license at: http://www.software602.com/

ତାକୁ ଆଶ୍ୱାସନା ଦେଲେ ଜାଣିବୁ ? ତେବେ ମୋ ସାଥିରେ ଆ । ଏମିତି କରି ତାକୁ ହାତରେ ଧରି ଆଶ୍ରମକୁ ପିଲାଟିକୁ ଆଣିଲେ ।

ମୁନି ଚିନ୍ତା କଲେ – ଏହା ପ୍ରକୃଷ୍ଟ ସମୟ । ଏହି ପରିପ୍ରେକ୍ଷୀରେ ଗାଁର ଲୋକମାନଙ୍କୁ ଶିକ୍ଷା ଦିଆଯାଇପାରେ । ତେଣୁ ମୁନି ପିଲାଟିକୁ କହିଲେ –

– ତୁମ ନାମ କ'ଣ ?

– ମୋର ନାମ କୃଷ୍ଣ ।

– ହେଇ, କିପରି ତୁମେ ମିଛ କହୁଛ ?

– ମନ ଇଛା କହୁଛି ।

– ତେବେ ଏହି ପୋଖରୀକୁ ଦେଖି କିଛି କୁହ ?

ବାଳକ କୃଷ୍ଣ ଖୁସୀ ହେଲା ଏବଂ ଆନନ୍ଦରେ କହିଲା ଏହି ପାଣିରେ ଗୋଟିଏ ବିରାଟ ମାଛ ଅଛି । ମୁନି କହିଲେ – ସକାଳୁ ଏକଥା ଗାଁଲୋକଙ୍କୁ କହି ଦିଅ । କୃଷ୍ଣ ଟିକିଏ କୁଣ୍ଠାପ୍ରକାଶ କଲା ।

– ନାହିଁ, ସେମାନେ ମୋତେ ମାଡ଼ ଦେବେ ।

– ଆରେ ନାହିଁ.........

– ତେବେ ମୋତେ ସାକ୍ଷୀ କରିବ ।

ଅନ୍ୟଦିନ ସକାଳୁ କୃଷ୍ଣ ଗାଁର ପ୍ରତ୍ୟେକ କୋଣରେ ଲୋକଙ୍କୁ କହିଲା– ପୋଖରୀରେ ଗୋଟିଏ ବିରାଟ ମାଛ ମୁଁ ଦେଖିଛି । କେତେକ କହିଲେ – ଆରେ ତୁ ତ ମିଛୁଆ । ତୋ କଥାରେ ବିଶ୍ୱାସ କ'ଣ ? ସଙ୍ଗେ ସଙ୍ଗେ କୃଷ୍ଣ କହିଲା– ସେତେବେଳେ ମୋ ସାଙ୍ଗରେ ମୁନି ଥିଲେ । ସେ ମଧ୍ୟ ଦେଖିଛନ୍ତି । ଆସ....... ସେଠି ପଚାର......... ମୁନିଙ୍କୁ ସାକ୍ଷୀଭାବରେ ଗ୍ରହଣ କରି ଗାଁଲୋକ ଅନ୍ୟ ଏକ ଦିନ ମାଛ ଖୋଜିଲେ । ସମସ୍ତେ ମିଶି ପୋଖରୀରେ ପଶିଲେ ଏବଂ ମାଛ ଧରିଲେ । କିନ୍ତୁ ବିରାଟ



Created with Print2PDF. To remove this line, buy a license at: http://www.software602.com/

ମାଛ ପାଇଲେ ନାହିଁ । ସାରା ଦିନ ସେମାନେ ଖୋଜିଲେ । ସନ୍ଧ୍ୟାବେଳେ ବହୁତ ବିରକ୍ତ ହେଲେ । ମୁନିଙ୍କ ପାଖରେ ପହଞ୍ଚି ରାଗିଯାଇ କହିଲେ – କ'ଣ ଆପଣ ମଧ୍ୟ ଆମକୁ ଠକୁଛନ୍ତି ? ମୁନି ଧୀର କଣ୍ଠରେ କହିଲେ – ଆରେ ବଡ଼ ମାଛକୁ କ'ଣ ସହଜରେ ଧରି ହୁଏ । ସେଥିପାଇଁ ପରିଶ୍ରମ କରିବା ଉଚିତ୍ । ଆସନ୍ତାକାଲି ସକାଳୁ ବନ୍ଧ କାଟି ପାଣି ବାହାର କର । ତା'ପରେ ପଙ୍କ କାଢ । ତେବେ ମହା ମତ୍ସ୍ୟ ପାଇବ ।

ସେହିଦିନ ରାତିରେ ଗାଁ ଲୋକଙ୍କ ଆଖିରେ ନିଦ ରହିଲା ନାହିଁ । ସେମାନେ ସକାଳୁ ଆସି ପ୍ରଥମେ କୂଳରେ ଥିବା ଗଛ କାଟିଲେ । ତା'ପରେ ବନ୍ଧ କାଟି ପାଣି ବୁହାଇଲେ । ଏପରି କିଛିଦିନ ଚାଲିଗଲା । ତା'ପରେ ପଙ୍କ ବାହାର କରି ପୋଖରୀକୁ ଗଭୀର କଲେ ଏବଂ ପଙ୍କ ଆଣି ଶସ୍ୟକ୍ଷେତରେ ବିଛାଇଲେ । ଏପରି ଖରାଦିନ ଆସିଲା । ହଠାତ୍ ବର୍ଷା ହେଲା । ପୋଖରୀ ପାଣି ପୂର୍ଣ୍ଣ ହୋଇଗଲା । ନିର୍ମଳ ଜଳ ଦେଖି ସମସ୍ତେ ଖୁସି ହେଲେ । କୂଳ ପରିଷ୍କାର ହେତୁ ସବୁଠି ସୁବିଧା ହେଲା । ଏହା ଦେଖି କେତେକ ଗାଁ ମୁଖିଆ କହିଲେ – ଏହା ପରେ ଯଦି କେହି ପାଣି ଦୂଷିତ କରିବ ସେ ଦଣ୍ଡ ପାଇବ ।

ଥରେ ମୁନି କୃଷ୍ଣଙ୍କୁ ଦେଖି ଡାକିଲେ । ତାକୁ ଆଶ୍ରମକୁ ଆଣି ପଚାରିଲେ – ଆରେ କୃଷ୍ଣ ! ସତ୍ୟ କ'ଣ ଜାଣିଲୁ ?

– ନା ଜାଣେନା ।

– ଆରେ ସତ କହିଲେ କେବଳ ସତ ନୁହେଁ ।

ଯାହା ମଙ୍ଗଳକର ବାକ୍ୟ ତାହା ମଧ୍ୟ ସତ । ଜେଜେ ମାଆ ପୁଲୋମଜାକୁ ବୁଝାଇଲେ – ଆମ ଶାସ୍ତ୍ରରେ ରହିଛି – ସତ କଥା ହିଁ ମଙ୍ଗଳକାରୀ । ଯାହା ଲୋକଙ୍କପାଇଁ ଅତିଶୟ ହିତ କର, ତାହା ହିଁ ସତ୍ୟ ଏହା ମୋର ମତ । *

---

*ଏହା ଆଚାର୍ଯ୍ୟ କେଶବଚନ୍ଦ୍ର ଦାଶଙ୍କ ଗ୍ରନ୍ଥାବଳୀ **''କେଶବ କାବ୍ୟ କଳାନିଧି''** (ଦ୍ୱିତୀୟ ଭାଗ-ଲଘୁକଥା ଖଣ୍ଡ) ଗ୍ରନ୍ଥର **''ଏକଦା''** ପୁସ୍ତକରେ ଥିବା **''ସତ୍ୟ''** ନାମକ ଲଘୁକଥାର ଓଡ଼ିଆ ରୂପାନ୍ତର ।



Created with Print2PDF. To remove this line, buy a license at: http://www.software602.com/

ଅଧ୍ୟାତ୍ମମାର୍ଗରେ ଯିବାର ସରଳ ଉପାୟ

# ''ଭକ୍ତର ଅଭିଳାଷ''

।। ସୁଖୀ ଭବ ।।



Created with Print2PDF. To remove this line, buy a license at: http://www.software602.com/